# Akashvani, Sambalpur

## SAMBALPURI NEWS BULLETIN

### 13 September 2024- 6.47- 6.52 am.

*******************************************

ମତ୍ସ୍ୟ, ପ୍ରାଣୀ ପାଲନ୍, ଦୁଗ୍ଧ ଉତ୍ପାଦନ୍ ମନ୍ତ୍ରଣାଳୟର୍ ବୈଠକ୍

ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍ ତର୍ଫୁ କେନ୍ଦ୍ର ସର୍କାର୍ଙ୍କର୍ ମତ୍ସ୍ୟ, ପ୍ରାଣୀ ପାଲନ୍ ଆଉ ଦୁଗ୍ଧ ଉତ୍ପାଦନ୍ ମନ୍ତ୍ରଣାଳୟର୍ ମୌସୁମୀ ବୈଠକ୍ ଆଏଜ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ର କନ୍ଭେସନ୍ ସେଂଟର୍ ଠାନେ ହେବା । ବୈଠକ୍ଥି କେନ୍ଦ୍ର ମତ୍ସ୍ୟଚାଷ, ପ୍ରାଣୀସମ୍ପଦ୍ ଆଉ ଦୁଗ୍ଧ ଉତ୍ପାଦନ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ଅଧ୍ୟକ୍ଷତା କର୍ବେ । ଇତାର୍ସହେତେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ୍ ଦେବେ । ଇଥି ବିଭାଗ୍ର ଭିନ୍ ଭିନ୍ ଯୋଜ୍ନାର୍ ଅଗ୍ରଗତିର ସମୀକ୍ଷା କରାଯିବାର୍ ସହେତେ କେନ୍ଦ୍ର- ରାଜ୍ୟ ଭିତ୍ରେ ସମନ୍ୱୟକେ ନେଇକରି ଆଲୋଚନା କରାଯିବା ।

ସୁଭଦ୍ରା ସ୍ୱାଗତ ସପ୍ତାହ ଆର୍‌ଏନ୍‌ୟୁ /ସମ୍ବଲପୁର

ସୁଭଦ୍ରା ଯୋଜ୍‌ନା ଉପ୍‌ରେ ଜନସଚେତନତା ସୃଷ୍ଟି କର୍‌ବାର୍ ଲାଗି ଆଏଜ୍‌ଠାନୁ ହପ୍ତେତକ୍ ରାଜ୍ୟର୍ ସବୁ ବ୍ଲକ୍ ଆଉ ଗ୍ରାମ୍‌ପଂଚାୟତ୍ ମାନ୍‌କେ ସୁଭଦ୍ରା ସ୍ୱାଗତ ସପ୍ତାହ କରାଯିବା । ଇ କାର୍ଯ୍ୟକ୍ରମ୍‌ଥି ବ୍ଲକ୍‌ସ୍ତରର୍ ସବୁ ଅଧିକାରୀଙ୍କର୍ ସହେତେ ଅଙ୍ଗନବାଡ଼ି କର୍ମୀ, ସୁପର୍‌ଭାଇଜର୍ ଏସ୍‌ଏଜି ସଦସ୍ୟା ଆଉ ଆଶାକର୍ମୀମାନେ ଗାଁ ଗାଁ ନ ସଭା କରିକରି ଲୁକ୍‌କୁ ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ସଚେତନ୍ କର୍‌ବେ । ଇତାର୍‌ସହେତେ ଘରେ ଘରେ ସୁଭଦ୍ରା ବିଷେ ଉପ୍‌ରେ ରାଜ୍ୟର୍ ଭିନ୍ ଭିନ୍ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଚିତ୍ରାଙ୍କନ, ପ୍ରବନ୍ଧ, ତର୍କ, ରଙ୍ଗୋଲି ଆର୍ ଫଟୋଗ୍ରାଫି ପ୍ରତିଯୋଗିତା କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ସଞ୍ଜ୍‌ବେଲ୍‌ତକ୍ ରାଜ୍ୟର୍ ୪୫ ଲାଖ୍ ମହିଳା ସୁଭଦ୍ରା ଯୋଜ୍‌ନାଥି ପଞ୍ଜିକରଣ୍ କରିଛନ୍ ।

ଶୀତଲ୍‌ଭଣ୍ଡାର ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ସବ୍‌ଡିଭିଜନ୍ ନ ଶୀତଲ୍‌ଭଣ୍ଡାର୍ ଖୁଲାଯିବାର୍ ବାବ୍‌ଦେ ଗୁଟେ ବୈଠକ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ହେଇଯାଇଛେ । ଇ ବୈଠକ୍‌ଥି ଶୀତଲ୍‌ଭଣ୍ଡାର୍ ସେବା ଯୁଗେଇ ଦେଉଥିବା ସଂସ୍ଥାମାନେ ଯୋଗ୍ ଦେଇକରି ନିଜର୍ ନିଜର୍ ସଂସ୍ଥାର୍ ସେବା ବିଷେ କହିଥିଲେ । ଗୁଟେ ବିଦ୍ୟୁତ୍ ଚାଲିତ ଶୀତଲ୍ ଭଣ୍ଡାର୍ କମ୍ପାନୀ ଆଉ ଗୁଟେ ସୌର ଚାଲିତ ଶୀତଲ୍‌ଭଣ୍ଡାର୍ କମ୍ପାନୀ ନିଜର୍ ସେବା, ଜ୍ଞାନ୍‌କୌଶଲ୍, ଷ୍ଟୋରେଜ୍ କେପାସିଟି, ଖର୍ଚ୍ଚ ଆକଲନ୍ ବାବ୍‌ଦେ ମନ୍ତ୍ରୀଙ୍କୁ ଜନେଇଛନ୍ ।

ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା-ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା ନେଇକରି ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ଗଲାକାଏଲ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୃତିକା ସ୍ୱାସ୍ଥ୍ୟ ପରୀକ୍ଷଣ୍ କରୁଥିବା ଗୁଟେ ବୈଷୟିକ ସଂସ୍ଥାର ପ୍ରତିନିଧି ଯୋଗ୍ ଦେଇଥିଲେ । ଏଛେନ୍ ରାଏଜେ ପାଖାପାଖି ୫ ଲାଖ୍ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷଣ୍ କରାଯାଉଛେ । ରାଜ୍ୟ ସର୍କାର୍

ଅଏତ୍‌କା ନୁ ଅଏତ୍‌କା ମୃତିକା ପରୀକ୍ଷଣ୍ ଲାଗି ଚେଷ୍ଟା କରୁଛନ୍ । ଇଥିର୍‌ଲାଗି ସର୍‌କାର୍ ମିସିନ୍ ସାହାଜ୍‌ଥି ମୃତିକା ସ୍ୱାସ୍ଥ୍ୟ ପରୀକ୍ଷଣ୍ କର୍‌ବାର୍‌କେ ଯୋଜ୍‌ନା କରୁଛନ୍ । ଇଟା ହେଲେ କମ୍ ସମିଆ ଭିତ୍‌ରେ ଚାଷୀ ନିଜର୍ ଜମିର୍ ପରୀକ୍ଷଣ୍ ରିପୋର୍ଟ ପାଇପାର୍‌ବେ ବଲି ଇ ବୈଷୟିକ ସଂସ୍ଥା- କୃଷିମନ୍ତ୍ରୀଙ୍କୁ ଜନେଇଥିଲେ । ଆଏବା ଦିନେ କୃଷକ୍‌ମାନ୍‌କର୍ ଭିତ୍‌ରେ ଆଉ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷଣ୍‌କେ ସହଜ୍ କର୍‌ବାର୍ ଲାଗି ଇଟା ବେଭାର୍ କରାଯିବା ବଲି କୃଷିମନ୍ତ୍ରୀ କହିଛନ୍ ।

ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ        ଆର୍‌ଏନ୍‌ୟୁ / ସମ୍ବଲପୁର

ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଶୈକ୍ଷିକ ସହାୟକ କାର୍ଯ୍ୟକ୍ରମ୍‌କେ ଗଲାକାଏଲ୍ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭାରମ୍ଭ କରିଛନ୍ । ଇଥି ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରବେଶିକା ପରୀକ୍ଷା ଆଉ ପ୍ରତିଯୋଗିତା ମୂଲକ୍ ପରୀକ୍ଷା ଲାଗି ମାହାଲିଆ କୋଚିଂ ଦିଆଯିବା ।

ପ୍ରାଣୀ ସମ୍ପଦ୍ ବିକାଶ୍- ଓଡ଼ିଶା        ଆର୍‌ଏନ୍‌ୟୁ / ସମ୍ବଲପୁର

ଦେଶର୍ ଭିନ୍ ଭିନ୍ ରାଜ୍ୟ ନ ପ୍ରାଣୀ ସମ୍ପଦ୍ ବିକାଶ୍ କ୍ଷେତ୍ରଥି କାର୍ଯ୍ୟକାରୀ ହେଉଥିବା ଯୋଜ୍ନାମାନ୍କର୍ ସଫଲ୍ ଆଉ ସଶକ୍ତ ରୂପାୟନ ଉପ୍ରେ ଭୁବ୍ନେଶ୍ୱର୍ ନ ଗଲାକାଏଲ୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ପ୍ରାଣୀ ସମ୍ପଦ୍ ବିକାଶ୍ କ୍ଷେତ୍ର ନ ଓଡ଼ିଶାର୍ ପ୍ରୟାସ୍କେ ପ୍ରଶଂସା କରାଯାଇଛେ । ଗର୍ଭଧାରଣ କ୍ଷେତ୍ରଥି ଜାତୀୟ ହାର ୧୮ ପ୍ରତିଶତ୍ ଥିବାର୍ ବେଲେ ଓଡ଼ିଶା ନ ସେକ୍ସସର୍ଟେଡ୍ ସିମେନ୍ ଜରିଆଥି କୃତ୍ରିମ ପ୍ରଜନନ ବିକାଶ୍ କାର୍ଯ୍ୟକ୍ରମ୍ଥି ଇଟା ପାଖାପାଖି ୩୩ ପ୍ରତିଶତ୍ଥି ପୁହୁଁଚିଛେ । କେନ୍ଦ୍ର ସର୍କାର୍ଙ୍କର୍ ପଶୁପାଲନ୍ ଆଉ ଡାଇରୀ ବିଭାଗ୍ ଆର୍ ଓଡ଼ିଶା ସର୍କାର୍ଙ୍କର୍ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍ର ମିଲିତ୍ ଆନୁକୂଲ୍ୟଥି ଇ ବୈଠକ୍ ହେଇଥିଲା ।

ଯୁକ୍ତ ଦୁଇ -ଫର୍ମ ପୂରଣ୍        ଆର୍ଏନ୍ୟୁ / ସମ୍ବଲପୁର

ଯୁକ୍ତ ଦୁଇ ପରୀକ୍ଷା ଲାଗି ଆଏବା ୧୮ ତାରିଖ୍ନୁ ଫର୍ମ ପୂରଣ୍ ମୁଲ୍ ହେବା । ଚଲ୍ତି ଶିକ୍ଷା ବଛ୍ରେ ପରୀକ୍ଷା ଦେବାର୍କେ ଥିବାର୍ ଛାତ୍ରଛାତ୍ରୀମାନେ ଅକ୍ଟୋବର୍ ୧ ତାରିଖ୍ତକ୍ ଫର୍ମ ପୂରଣ୍ କରିପାର୍ବେ । ଇ ସମିଆ ଭିତ୍ରେ କେନ୍ସି ଜରିମାନା ଦେବାର୍କେ ନାଇଁପଡ଼େ । ସେନ୍ତା ଅକ୍ଟୋବର୍ ୪ ନୁ ୧୪ ତାରିଖ୍

ଭିତ୍‌ରେ ୨ ଶହ ଟଙ୍କା ଜରିମାନା ଦେଇକରି ଫର୍ମ ପୂରଣ୍ କରିପାର୍‌ବେ । ଇ ଦୁହି ଖେପେ ଫର୍ମ ପୂରଣ୍ ନାଇଁ କରିଥିବା ଛାତ୍ରଛାତ୍ରୀମାନେ ନଭେମ୍ବର୍ ୧୧ ନୁ ୧୮ ତାରିଖ୍ ଭିତ୍‌ରେ ୬ ଶହ ଟଙ୍କା ଜରିମାନା ଦେଇକରି ଫର୍ମ ପୂରଣ୍ କରିପାର୍‌ବେ । ଇ ବାବ୍‌ଦେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ ।

ଜିଲ୍ଲାପାଲ୍- କର୍‌ଡୋଲା ପରିଦର୍ଶନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଧନକଉଡ଼ା ବ୍ଲକ୍ ଇଲାକାର୍ କର୍‌ଡୋଲା ଗାଁକେ ଗଲାକାଏଲ୍ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଯାଇଥିଲେ । ସେନ ଭିନ୍ ଭିନ୍ ସମସ୍ୟା ନେଇକରି ଗାଁର୍ ସମ୍ବଲ୍‌ପୁରୀ ହସ୍ତତନ୍ତ ବୁଣାକାର୍‌ମାନ୍‌କର୍ ସାଙ୍ଗେ ସେ ଆଲୋଚନା କରିଛନ୍ । ଆଘୋନୁ ପ୍ରସ୍ତାବିତ ୭୫ ଲାଖ୍ ଟଙ୍କା ଖର୍ଚ୍ଚାଥି ବୁଣାକାର୍‌ମାନ୍‌କର୍ ଲାଗି ତିଆର୍ ହେବାର୍‌କେ ଥିବା ଗୁଟେ ବଡ଼ ପ୍ରକଳ୍ପ କାମ୍‌କେ ଜଲ୍‌ଦି କର୍‌ବାର୍‌କେ ସେ ଜାଗା ପରିଦର୍ଶନ୍ କରିଥିଲେ । ଇତାର୍ ଉତ୍‌ରୁ କରଡୋଲା ଗାଁ ନ ନୂଆଁ ଗୁରୁବାର୍ ସାପ୍ତାହିକ୍ ବଜାର୍‌ର ଉଦ୍‌ଘାଟନ୍ କରିଥିଲେ ।

ହୀରାକୁଦ୍ ଜଲ୍ଭଣ୍ଡାର୍          ଆର୍ଏନ୍ୟୁ/ ସମ୍ବଲପୁର

ମହାନଦୀର୍ ଉପର୍ମୁଡେ ଜବର୍ ବର୍ଷା ହେବାର୍‌ନୁ ହୀରାକୁଦ୍ ଡେମ୍ ନୁ ଆଏଜ୍ ସଖାଲ୍‌ବେଲା ୬ ବଜେ ୧୬ ଟା ସ୍ଲୁଇସ୍ ଗେଟ୍ ଦେଇକରି ହାରାହାରି ୩ ଲାଖ୍ ୨ ହଜାର୍ ୮ ଶହ ୯୫ କ୍ୟୁସେକ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଡେମ୍ ଭିତର୍‌କେ ୩ ଲାଖ୍ ୪୧ ହଜାର୍ ୧୪ କ୍ୟୁସେକ୍ ପାଏନ୍ ଆସୁଛେ । ଡେମ୍‌ର ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ୨/୯ ଫୁଟ୍ ରହିଥିବାର୍ ନିୟନ୍ତ୍ରଣ କକ୍ଷ ସୂତ୍ର‌ନୁ ଜନାପଡ଼ିଛେ ।

ପାଣିପାଗ       ଆର୍ଏନ୍ୟୁ/ସମ୍ବଲପୁର

ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସୃଷ୍ଟି ହେଇଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଳିଛେ । ଆଏଜ୍ ସୁନ୍ଦର୍‌ଗଡ଼୍ ସହେତେ ୧୪ ଟା ଜିଲ୍ଲା ନ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।